## "ଭାରତ ନେଟ୍ ପରିଯୋଜନା" ଫେଜ୍-୩ ର  ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା

ଭୁବନେଶ୍ୱର, 23.05.2026 :

ମାନ୍ୟବର ମନ୍ତ୍ରୀ (ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ) ଡ଼. ମୁକେଶ ମହାଲିଙ୍ଗ ଭାରତ ସଂଚାର ନିଗମ ଲିମିଟେଡ଼ (BSNL)ର  ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧକ୍ଷତା କରି "ଭାରତ ନେଟ୍ ପରିଯୋଜନା" ଫେଜ୍-୩ ର  ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି।




ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ସଂକଳ୍ପକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ଏକ ମାଇଲଷ୍ଟୋନ ସାବ୍ୟସ୍ତ ହେବ । ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଡ଼. ମହାଲିଙ୍ଗ ଏହି ସମୀକ୍ଷା ଅବସରରେ କହିଥିଲେ ।

ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୪୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଞ୍ଚାୟତକୁ ଯୋଡି ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଘରକୁ ଘର ସଂଯୋଗ କରାଯିବ । ଏହି ଯୋଜନା ପାଇଁ ଆବେଦନ କଲାପରେ ଆବେଦନକାରୀଙ୍କୁ ଅପ୍ଟିକାଲ ଫାଇବର ସଂଯୋଗୀକରଣ ଦିଆଯିବ । ଏଥିରେ ଆଦେଦନକାରୀଙ୍କୁ ଟେଲିଫୋନ ଏବଂ ବ୍ରୋଡବ୍ୟାଣ୍ଡ ଯୋଗାଇ ଦିଆଯିବ । ଏଥିରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର , ସ୍କୁଲ , କଲେଜ କୁ

ମଧ ଯୋଡ଼ାଯିବ | ଏହା ଫଳରେ ଗ୍ରାମୀଣ ଓଡିଶା କୁ ନିରବିଚ୍ଛିନ ଇଣ୍ଟରନେଟ୍ ସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରାଯିବ ଏବଂ "ଭାରତ ନେଟ୍ ପରିଯୋଜନା" ଫେଜ୍-୩ ରେ ଏହାକୁ ଶେଷ କରାଯିବାକୁ ଲକ୍ଷ ରଖାଯାଇଛି  ।

ଏହି ବୈଠକରେ ବିଏସଏନଏଲ ବୋର୍ଡର ନିର୍ଦ୍ଦେଶକ (ଏଣ୍ଟରପ୍ରାଇଜେସ୍) ଶ୍ରୀ ପାପା ସୁଧାକର ରାଓ, ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ପ୍ରବନ୍ଧକ ଶ୍ରୀ ଡି.କେ. ବେହେରା ଏବଂ ଓକାକ (OCAC) ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ ରାଉତଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସରୋଜ କୁମାର ସାହୁ

ଲୋକସମ୍ପର୍କ ଅଧିକାରୀ